# Akashvani, Sambalpur

## SAMBALPURI NEWS EVENING BULLETIN

**26 September 2025- 7.02 pm- 7.12 pm.**

*********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ଓଡ଼ିଶା ଗସ୍ତଥି ଆସିକରି ଝାର୍‌ଗୁସୁଡ଼ା ନ ଯୁବ ସମାବେଶ୍‌ଥି ଯୋଗ୍ ଦେବାର୍ ସହେତେ ଭିନ୍ ଭିନ୍ ପ୍ରକଳ୍ପର୍ କର୍‌ବେ ଶିଲାନ୍ୟାସ୍ ଆଉ ଶୁଭାରମ୍ଭ ।

୨- ରାଏଜେ ସମ୍ଭାବ୍ୟ ବନ୍ୟା ଥିତିର୍ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

୩- ବାହାର୍‌ଲା ଓଏଏସ୍ ପରୀକ୍ଷା ଫଲ୍- ୩ ଶହ ୯୮ ଝନ୍ ହେଲେ ସଫଲ୍ ।

ଆଉର୍

୪- ନିର୍ବାଚନ୍ ପ୍ରକ୍ରିୟାକେ ଫଟିକ୍ କର୍‌ବାର୍ ଲାଗି ପୋଷ୍ଟାଲ୍ ଭୋଟ୍ ଗନ୍‌ତି ଉତ୍‌ରୁ ଖୁଲାଯିବା ଇଭିଏମ୍- ଘୋଷ୍‌ନା କଲେ ମୁଖ୍ୟ ନିର୍ବାଚନ୍ ଆୟୋଗ ।

ପ୍ରଧାନ୍‌ମନ୍ତ୍ରୀ- ଝାର୍‌ସୁଗୁଡ଼ା I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଝାର୍‌ସୁଗୁଡ଼ା ଗସ୍ତଥି ଆସିକରି ଅମ୍‌ଲିପାଲି ପଡ଼ିଆ ନ ହେବାର୍‌କେ ଥିବା ଯୁବ ସମାବେଶ୍‌ଥି ଯୋଗ୍ ଦେବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଜନସଭାକେ ସମ୍ବୋଧନ୍ କର୍‌ବାର୍ ସହେତେ ଭିନ୍ ଭିନ୍ ପ୍ରକଳ୍ପର୍ ଶୁଭାରମ୍ଭ କର୍‌ବେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ମଏଧାନର୍ ୧୧ ବାଜିକରି ୧୦ ମିନିଟ୍‌ଥି ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍‌ଥି ପୁହୁଁଚିବେ । ସେନୁ ସିଧାସଲଖ୍ ଅମଲିପାଲି ସଭାଜାଗାକେ ଯିବେ । ୧୧ ବାଜିକରି ୨୫ ମିନିଟ୍‌ଥି ସଭାସ୍ଥଲ୍‌କେ ପୁହୁଁଚିକରି ଧାରିଜ୍ କାର୍ଯ୍ୟସୂଚୀ ଅନ୍‌ସାରେ ଭିନ୍ ଭିନ୍ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବେ । ଇଥି ୧ ହଜାର୍ ୭ ଶହ କୋଟି ନୁ ଅଏତ୍‌କା ଟଙ୍କାର୍ ୩ ଟା ପ୍ରମୁଖ୍ ରେଲ୍‌ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କର୍‌ବେ । ସେବାପର୍ବ ଅବ୍‌ସରେ ଦେଶର୍ ୮ ଟା ଆଇଆଇଟିର୍ ସମ୍ପ୍ରସାରଣ୍ ବାବ୍‌ଦେ ଘୋଷ୍‌ନା କର୍‌ବେ । ସେନ୍ତା ବ୍ରହ୍ମପୁର୍ ଏମ୍.କେ.ସି.ଜି. ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍ ଆଉ ବୁର୍ଲା ଭୀମ୍‌ସାର୍ ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍‌କେ ସୁପର୍ ସ୍ପେଶାଲିଟି ସ୍ତର୍‌କେ ଉନ୍ନିତ୍ କର୍‌ବାର୍ ଲାଗି ଘୋଷ୍‌ନା କର୍‌ବେ ବଲି ଜନାପଡ଼ିଛେ । ତାର୍ ଉତ୍‌ରୁ ୧୨

ବାଜିକରି ୪୫ ମିନିଟ୍ ବେଲ୍‌କେ ପ୍ରଧାନ୍‌ମନ୍ତ୍ରୀ ନୂଆଦିଲ୍ଲୀ ଫିର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍‌ଠାନୁ ସଭାସ୍ଥଲ୍‌ତକ୍ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ ।

## ମୁଖ୍ୟମନ୍ତ୍ରୀ- ସମ୍ଭାବ୍ୟ ବନ୍ୟା ଥିତି ସମୀକ୍ଷା I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଏଜେ ସମ୍ଭାବ୍ୟ ବନ୍ୟା ଥିତିର୍ ଆଏଜ୍ ଝାର୍‌ସୁଗୁଡ଼ା ଠାନେ ସମୀକ୍ଷା କରିଛନ୍ । ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ବଲେ ପ୍ରଭାବିତ୍ ହେବାର୍‌କେ ଥିବାର୍ ୧୭ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ତୟାରିର୍ ସମୀକ୍ଷା କରିଛନ୍ । ସୂଚ୍‌ନା ଅନ୍‌ସାରେ ଲଘୁଚାପ୍ ଲାଗି କଲାହାଣ୍ଡି, କୋରାପୁଟ୍, ମାଲ୍‌କାନ୍‌ଗିରି ସବୁନୁ ଜହ ପ୍ରଭାବିତ୍ ହେବା ବଲି ଆଶଙ୍କା କରାଯାଉଛେ । ଇତାର୍‌ଛଡ଼ା ନୂଆପଡ଼ା, ବଲାଙ୍ଗିର୍ ସହେତେ ୧୪ ଟା ଜିଲ୍ଲା ନ ଭିଲ୍ ଜବର୍ ବର୍ଷା ସଙ୍ଗେ ବନ୍ୟା ଥିତି ଦେଖାଦେବାର୍ ଆଶଙ୍କା କରାଯାଉଛେ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିକରି ୨୪ ଘଂଟିଆ ନିୟନ୍ତ୍ରଣ୍ କକ୍ଷ ଜିଲ୍ଲା ଆଉ ବ୍ଲକ୍‌ସ୍ତର୍ ନ କାର୍ଯ୍ୟକାରୀ କର୍‌ବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ସବୁ ବିଭାଗ୍ ମିଶିକରି ସମ୍ଭାବ୍ୟ ବନ୍ୟା

ପରିସ୍ଥିତିର୍ ମୁକାବିଲା କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍ ରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ମୁଖ୍ୟ ଶାସନ୍ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ୍‌ଙ୍କର୍ ସହେତେ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏବା କାଏଲ୍ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ମୁଲ୍ ହେବା । ସୁପ୍ରିମ୍‌କୋର୍ଟ ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ବି.ଆର୍. ଗବାଇ ଇ ୨ ଦିନିଆ ସମ୍ମିଳନୀକେ ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଜାତୀୟ ଆଇନ୍‌ସେବା କର୍ତ୍ତୃପକ୍ଷ ଅଧ୍ୟକ୍ଷ ଆଉ ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କର୍ ସହେତେ ବହୁତ୍ ବରିଷ୍ଠ ବିଚାର୍‌ପତି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ୨ ଦିନିଆ ସମ୍ମିଳନୀଥି ଭିନ୍ ଭିନ୍ ମାମ୍‌ଲାର୍ ମଧ୍ୟସ୍ଥତା ଜରିଏ କେନ୍ତା କରି ସମାଧାନ୍

କରାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆର୍ ଏଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟ ଗୁଟେ ସାମ୍ବାଦିକ୍ ସମ୍ମିଲନୀ ଜରିଏ ସୂଚ୍‌ନା ଦେଇଛନ୍ ।

ସର୍‌କାରୀ ସେବା-ୱ୍ୱାଟ୍‌ସ୍‌ଆପ୍ ନମ୍ବର୍ I&PR

ରାଏଜେ ସର୍‌କାର୍ ସାଧାରଣ୍ ଲୁକ୍‌କର୍ ସୁବିଧା ଲାଗି ବୈଷୟିକ ଜ୍ଞାନ୍ କୌଶଲ୍ ଜରିଏ ସର୍‌କାରୀ ଆଉ ଭିନ୍ ଭିନ୍ ଦର୍‌କାରୀ ସେବା ଲୁକ୍‌କୁ ଯୁଗେଇ ଦଉଛନ୍ । ୱ୍ୱାଟ୍‌ସ୍‌ଆପ୍ ଜରିଏ ଜନ୍ମ-ମୃତ୍ୟୁ, ଉତରାଧୀକାରୀ, ଆୟ ପ୍ରମାଣ୍‌ପତ୍ର, ଡ୍ରାଇଭିଂ ଲାଇସେନ୍ସ, ସର୍‌କାରୀ ଯୋଜ୍‌ନା ସହେତେ ଶହେ ୩୨ ଟା ସୁବିଧା ଗୁଟେ ଜାଗାଥି ଯୁଗେଇ ଦଉଛନ୍ । ଇଥି ଆଉ ପାଦେ ଆଗ୍‌କେ ଯାଇକରି ରାଜ୍ୟ ସର୍‌କାର୍ ଆଏଜ୍ ‘ଆମ ସାଥୀ’ ଏକୀକୃତ ୱ୍ୱାଟସ୍‌ଆପ୍ ସେବାର୍ ଶୁଭାରମ୍ଭ କରିଛନ୍ । ଇ ୱ୍ୱାଟସ୍‌ଆପ୍ ନମ୍ବର୍ ୯୪୩୭୨-୯୨୦୦୦ କେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଶୁଭାରମ୍ଭ କରିଛନ୍ । ଓଡ଼ିଆ ଭାଷାଥି ଇ ସେବା ମିଳିପାର୍‌ବା ବଲି ସାଧାରଣ୍ ପ୍ରଶାସନ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଓସିଏସ୍ ପରିକ୍ଷାଫଲ        ଏକ୍ସ

ଓଡ଼ିଶା ଲୋକସେବା ଆୟୋଗ୍-ଓ.ପି.ଏସ୍.ସି. ପରିଚାଳିତ୍ ଓଡ଼ିଶା ପ୍ରଶାସନିକ ସେବା- ଓସିଏସ୍ ପରିକ୍ଷାଫଲ୍ ବାହାରିଛେ । ଇଥି ୩ ଶହ ୯୮ ଝନ୍ ପରୀକ୍ଷାର୍ଥୀ ସଫଲ୍ ହେଇଥିଲା ବେଲେ ପ୍ରିୟାଂଶୁ ପାଲ୍ ଟପ୍ପର୍ ହେଇଛନ୍ । ୨ ନମ୍ବର୍ ଜାଗା ନ ଅନନ୍ୟା ମିଶ୍ର ଥିଲା ବେଲ୍କେ ୩ ନମ୍ବର୍ ଜାଗା ନ ସୋଭନ୍ ପଟ୍ଟନାୟକ୍ ରହିଛନ୍ । ପହେଲା ୧୦ ଝନ୍ ଭିତ୍ରେ ଅନନ୍ୟା ଏକ୍ଲା ଝନେ ମହିଲା ଅଛନ୍ । ଇଥର ମୋଟ୍ ଶହେ ୪୪ ଝନ୍ ମହିଲା ପରୀକ୍ଷାଥି ସଫଲ୍ ହେଇଛନ୍ ।

ନିର୍ବାଚନ୍ କମିଶନ୍ ପରିବର୍ତନ୍ ଆର୍ଏନ୍ୟୁ/ ସମ୍ବଲପୁର/ଏକ୍ସ

ନିର୍ବାଚନ୍କେ ଫଟିକ୍ କର୍ବାର୍ ଲାଗି ଭାରତୀୟ ନିର୍ବାଚନ୍ ଆୟୋଗ୍ ପୋଷ୍ଟାଲ୍ ବାଲାଟ୍ ଗନ୍ତି ପ୍ରକ୍ରିୟାଥି ବଡ଼ ପରିବର୍ତନ୍ ଆନିଛନ୍ । ନୂଆଁ ବ୍ୟବସ୍ଥାଥି ପୋଷ୍ଟାଲ୍ ବାଲାଟ୍ ଗନ୍ତି ପହେଲା ସର୍ବାର୍ ଉତ୍ରୁ ଇଭିଏମ୍ ଆଉ ଭିଭିପାଟ୍ ଗନ୍ତି ମୁଲ୍ ହେବା । ଇଭିଏମ୍ ଆଉ ପୋଷ୍ଟାଲ୍ ବାଲାଟ୍ ଭିତ୍ରେ ତାଲ୍ମେଲ୍ ରଖିବାର୍ ଲାଗି କମିଶନ୍ ଇ ନିଷ୍ପତି ନେଇଛନ୍ ।

ସେଆଡ଼େ ୨୦୨୬ ନିର୍ବାଚନ୍ ସହେତେ ରାଏଜେ ସ୍ୱତନ୍ତ୍ର ସଘନ ସଂଶୋଧନ- ଏସ୍.ଆଇ.ଆର୍ ଲାଗୁ କର୍ବାର୍କେ

ନେଇକରି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଲନ୍ ଆଏଜ୍ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ସବୁ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଆଉ ଜିଲ୍ଲାପାଲ୍‌ମାନେ ବୈଠକ୍‌ଥି ଯୋଗ୍ ଦେଇଥିଲେ । ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ବାଚନ୍‌ଥି ଜଡ଼ିତ୍ ଥିବା ଖାଲି ପଦ୍‌ବୀ ସବୁ ପୂରଣ୍ କର୍‌ବାର୍‌କେ କହେବାର୍ ସହେତେ ଏସ୍.ଆଇ.ଆର୍ ସୂଚୀ ଘୋଷ୍‌ନା ହେଲା ଉତ୍‌ରୁ ଗନ୍‌ତି ଫର୍ମ ଛାପିକରି ବାଂଟ୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ସେବା ପର୍ବ-ଭାରତ୍ ଏଆଇ ମିଶନ ଏନ୍‌ଏସ୍‌ଡି

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଳିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ - ପରିବର୍ତ୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା କେନ୍ଦ୍ର ସର୍‌କାର୍ ଇଂଟର୍‌ନେଟ୍ ବିପ୍ଳବ୍ ଜରିଏ ସହର୍, ଗାଁ ଇଲାକା ସହେତେ ସାରା

ଦେଶେ ଲୁକ୍‌କର୍ ଭିତ୍‌ରେ ଯୋଗାଯୋଗ୍ ବ୍ୟବସ୍ଥାକେ ବର୍‌କସ୍ କରିଥିବାର୍ ବାବ୍‌ଦେ....

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ଆଏବା ପିଢ଼ିର୍ ମୋବାଇଲ୍ ସଂଯୋଗ୍‌ର ଗତି ଆଉ ବ୍ରଡ୍‌ବେଣ୍ଡ ବ୍ୟବସ୍ଥା ସବୁଠାନେ ଭଲ୍‌ଭାବେ ମିଲିପାରୁଥିବାର୍‌ନୁ ଦେଶେ ଯୋଗାଯୋଗ୍ କ୍ଷେତ୍ର ବହୁତ୍‌ଟେ ବଦ୍‌ଲିଛେ । ଭାରତ୍ ନେଟ୍ ପ୍ରକଳ୍ପ ଜରିଏ ଦେଶର୍ ୨ ଲାଖ୍ ୧୮ ହଜାର୍ ପଂଚାୟତ୍‌କେ ଜୁଡ଼ାଯାଇଛେ । ୭ ଲାଖ୍ କିଲୋମିଟର୍ ଅପ୍‌ଟିକାଲ୍ ଫାଇବର୍ କେବୁଲ୍ ଜରିଏ ପଂଚାୟତ୍‌ମାନ୍‌କୁ ସଂଯୋଗ୍ କରାଯାଇଛେ । ବର୍‌କସ୍ ଯୋଗାଯୋଗ୍ ବ୍ୟବସ୍ଥା ଜରିଏ ଇ-ପ୍ରଶାସନ୍, ଶିକ୍ଷା ଆଉ ଛୋଟ୍ ଉଦ୍ୟୋଗ୍‌ମାନେ ବହୁତ୍‌ଟେ ଲାଭ୍ ପାଇପାରୁଛନ୍ । ୫ ବଛର୍ ଆଘୋନୁ ପ୍ରଧାନ୍‌ମନ୍ତ୍ରୀ ଅପ୍‌ଟିକାଲ୍ ଫାଇବର୍, ଇଂଟର୍‌ନେଟ୍ ସେବା ପ୍ରକଳ୍ପକେ ଉଦ୍‌ଘାଟନ୍ କରିକରି କହିଥିଲେ, ଗ୍ରାମୀଣ ଅର୍ଥନୀତିକେ ବର୍‌କସ୍ କର୍‌ବାର୍ ଲାଗି ଗାଁ ଇଲାକା ନ ଅଏତ୍‌କା ଇଂଟର୍‌ନେଟ୍ ବ୍ୟବହାର୍‌କାରୀ ବାହାର୍‌ବେ । ଇହାଦେ ଇଟା ସତ୍ ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।*

*(ଭଏସ୍ ଓଭର-ପ୍ରଧାନମନ୍ତ୍ରୀ)*

*(ସେବା ପର୍ବ ଏସ୍.ଟି)*

ଯୁବ ମାରାଥନ      ସମ୍ବଲପୁର ସମ୍ବାଦଦାତା

ସେବା ପକ୍ଷ -୨୦୨୫ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍ ତର୍‌ଫୁ ଯୁବ ମାରାଥନ୍ କାର୍ଯ୍ୟକ୍ରମ୍ ଆଏଜ୍ ହେଇଯାଇଛେ । ସମାଜ୍ ନ ସ୍ୱଚ୍ଛତା ଆର୍ ସେବା ଭାବ୍, ସ୍ୱାସ୍ଥ୍ୟ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ କାର୍ଯ୍ୟକ୍ରମ୍‌ର ଲକ୍ଷ୍ୟ ଆଏ । ଗଣଦୌଡ଼କେ ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଶୁଭାରମ୍ଭ କରିକରି ଯୁଆନ୍ ପିଢ଼ି ନିଜର୍ ଘର୍, ନିଜର୍ ଇଲାକାକେ ସଫା ରଖ୍‌ଲେ ଦେଶ୍ ସଫାସୁତ୍‌ରା ରହେବା ବଲି କହିଛନ୍ । ଗଣଦୌଡ଼ ଛାତ୍ରବର୍ଗଥି ଆକାଶ୍ ମିର୍ଦ୍ଧା ପହେଲାଠାନେ ରହିଥିଲା ବେଲ୍‌କେ ଛାତ୍ରୀବର୍ଗଥି ନମିତା ଓରାମ୍ ପହେଲା ଠାନେ ରହିଛନ୍ । ଇ ଅବ୍‌ସରେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍, ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁଙ୍କର୍ ସହେତେ କ୍ରୀଡ଼ା ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ମହିଳା ଆଉ ଶିଶୁ ବିକାଶ୍ ପ୍ରକଳ୍ପ ସମୀକ୍ଷା ବୌଦ୍ଧ

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ସମନ୍ୱିତ ମହିଳା ଆଉ ଶିଶୁ ବିକାଶ୍ ପ୍ରକଳ୍ପର୍ ସମୀକ୍ଷା ବୈଠକ୍ ହେଇଯାଇଛେ ।

ଜିଲ୍ଲା ସମାଜ୍ ମଙ୍ଗଲ୍ ବିଭାଗ୍ ତର୍ଫୁ ହେଇଥିବା ବୈଠକ୍ଥି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଉପସ୍ଥିତ୍ ରହିକରି ସୁଭଦ୍ରା, ମମତା ଯୋଜ୍ନା, ଅଙ୍ଗନବାଡ଼ି କୋଠା ତିଆରି, ପୋଷଣ, ମହିଳାମାନ୍କର୍ କଲ୍ୟାଣ୍ ଲାଗି ଥିବା ଭିନ୍ ଭିନ୍ ଯୋଜ୍ନା, ପୁଷ୍ଟିକର ଯୋଜ୍ନା ଉପ୍ରେ ସମୀକ୍ଷା କରିଛନ୍ ।

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ ଅଂଚଳ ପରିଷଦ ତର୍ଫୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍ସରେ ସହରର୍ କଲ୍ୟାଣ୍ ମଣ୍ଡପ୍ ଠାନେ ହେଇଥିବା ଗୁଟେ ସଭାଥି ଅତିଥି ମାନେ ଯୋଗ୍ ଦେଇକରି ପରିବେଶ୍ ସଫାସୁତ୍ରା ରଖିବାର୍ ଲାଗି ଲୁକ୍କୁ ସଚେତନ୍ କରିଥିଲେ ।

ସୁସ୍ଥ ନାରୀ ସଶକ୍ତ ପରିବାର୍ ଅଭିଯାନ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାନେ ସୁସ୍ଥ ନାରୀ ସଶକ୍ତ ପରିବାର୍ ଅଭିଯାନ୍ଥି ଗୁଟେ ସ୍ୱାସ୍ଥ୍ୟ ଶିବିର୍ ହେଇଯାଇଛେ । ଇ ଅବ୍ସରେ ମହିଳାମାନ୍କର୍ ସ୍ୱାସ୍ଥ୍ୟର୍ ଯାଂଚ୍ କରାଯାଇଥିଲା ।

ପାଣିପାଗ ସମ୍ବଲପୁର ସମ୍ବାଦଦାତା

ବଙ୍ଗୋପ୍‌ସାଗର୍ ନ ସକ୍ରିୟ ହେଇଥିବା ଘୂର୍ଣ୍ଣିବଳୟ - ଲଘୁଚାପ୍‌ଥି ବଦ୍‌ଲିବାର୍ ଉତ୍‌ରୁ ଆଏଜ୍ ଉତର୍ ପଶ୍ଚିମ ଆର୍ ତାର୍ ପାଖର୍ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ପାଖେ ଅବପାତ ରୂପ୍ ନେଇଛେ । ଇଟା ଆଏବା କାଏଲ୍‌ତକ୍ ଦକ୍ଷିଣ ଓଡ଼ିଶା ଆର୍ ଉତର୍ ଆନ୍ଧ୍ରପ୍ରଦେଶ୍ ସମୁଦ୍ରଖଁଡ଼ି ଇଲାକା ଦେଇକରି ଯିବା । ଇତାର୍ ପ୍ରଭାବ୍‌ଥି ଆଏବା ୩ ଦିନ୍‌ତକ୍ ରାଏଜେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସବୁ ଜିଲ୍ଲା ନ ଘଡ଼ିଘଡ଼ି ସହେତେ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।
ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନୁ ଆଏଜ୍ ୨୦ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ ।